# ସୁବ୍ରତଙ୍କୁ ଯୁବ ଓ ରାଜକିଶୋରଙ୍କୁ ବାଲ୍ ସାହିତ୍ୟ ପୁରସ୍କାର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୬ (ନି.ପ୍ର): ୨୦୨୫ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଯୁବ ପୁରସ୍କାର ଓ ବାଲ୍ ପୁରସ୍କାର ଘୋଷଣା ହୋଇଛି। ଦେଶର ବିଭିନ୍ନ ଭାଷାରେ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଓଡ଼ିଶାରୁ ତିନି ପ୍ରତିଭା ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଓଡ଼ିଆ ଭାଷାରେ ଗଳ୍ପ ସଂକଳନ 'କଦମ୍ବବନ' ପାଇଁ ଲେଖକ ସୁବ୍ରତ କୁମାର ସେନାପତି ଓ ସାନ୍ତାଳୀ ଭାଷାରେ 'ଆଲା ସାଥି ଇଞ୍ଜ୍' ପାଇଁ ଯୁବ କବି ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର ଏବଂ 'କେତେ ଫୁଲ ଫୁଟିଚି' ପୁସ୍ତକ ପାଇଁ ଡ. ରାଜକିଶୋର ପାଢ଼ୀଙ୍କୁ ବାଲ୍ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ମାନପତ୍ର, ଉତ୍ତରୀୟ, ଫଳକ ଏବଂ ନଗଦ ରାଶି ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଯୁବ ପୁରସ୍କାର ପାଇଁ ଲେଖକ ଯଶୋଧାରା ମିଶ୍ର,

**ସାନ୍ତାଳୀ ଭାଷା ପାଇଁ ଫାଗୁ ବାସ୍କେ ମନୋନୀତ**

▶ ଅବଶିଷ୍ଟାଂଶ ପୃଷ୍ଠା ୪

## ସୁବ୍ରତଙ୍କୁ ଯୁବ ଓ ରାଜକିଶୋରଙ୍କୁ...

ରବି ସ୍ୱାଇଁ ଏବଂ ସୁବାସ ଶତପଥୀ ବିଚାରକ ଥିଲେ। ସେହିପରି ବାଲ୍ ପୁରସ୍କାର ନିମନ୍ତେ ବିଚାରକ ଭାବେ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂ ଏବଂ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ ଥିଲେ ବୋଲି ଆବାହକ ଡ. ଗୌରହରି ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଡୋଗ୍ରି ଭାଷାରେ କୌଣସି ପୁରସ୍କାର ଘୋଷଣା ହୋଇନାହିଁ। ତେବେ ମୟୂରଭଞ୍ଜ ଜିଲା ଭୋଳାଗଡ଼ିଆ ଗ୍ରାମର ଶ୍ରୀ ବାସ୍କେ ବାଙ୍ଗିରିପୋଷି ବ୍ଲକର ବ୍ରାହ୍ମଣଗାଁ ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରମୁଣ୍ଡି ପ୍ରାଥମିକ ବିଦ୍ୟାଳୟର ସହଯୋଗୀ ଶିକ୍ଷକ ଭାବେ କାର୍ଯ୍ୟରତ। ତାଙ୍କର ସାନ୍ତାଳୀ ସାହିତ୍ୟ ପ୍ରତି ରୁଚି ତଥା ଏହି ଭାଷାର ଡିଜିଟାଲ ଉନ୍ନତୀ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ସେ ସାନ୍ତାଳୀ ୱିକିପେଡ଼ିଆର ସଂସ୍ଥାପକ ସଦସ୍ୟ ଓ ସାନ୍ତାଳୀ ଇ-ମାଗାଜିନ୍ 'ବିର୍ମାଲି'ର ସହ ସଂସ୍ଥାପକ ରହିଛନ୍ତି। ଆଜି ଏକାଡେମିର କାର୍ଯ୍ୟକାରୀ ବୈଠକରେ ନିଷ୍ପତ୍ତି ନିଆଯିବା ପରେ ଏହି ଘୋଷଣା କରାଯାଇଛି।

### ବହୁତ ଆଗକୁ ଯିବାର ଅଛି: ସୁବ୍ରତ

ପୁରସ୍କାର ନିହାତି ଭାବେ ଆନନ୍ଦ ଓ ଖୁସି ଦେଇଥାଏ। କିନ୍ତୁ ମୋର ଖୁସି ସାମୟିକ, କାରଣ ମତେ ବହୁତ ଆଗକୁ ଯିବାର ଅଛି। ପୁରସ୍କାର ମଧ୍ୟ ଗୋଟିଏ ପ୍ରକାର ଦାୟିତ୍ୱ ଅର୍ପଣ କରିଥାଏ, ସେହି ଦାୟିତ୍ୱ ମୁଁ ଆଗକୁ କେତେଦୂର ତୁଲାଇ ପାରିବି ତାହା ଦେଖିବାର କଥା। ସେ ଦିଗ ପ୍ରତି ମୁଁ ସଚେତନ ହେବି। ପିଲାବେଳରୁ ଲେଖାଲେଖି ଆରମ୍ଭ କରିଛି। ସେତେବେଳେ କ'ଣ ଲେଖୁଥିଲି ତାହା ଜାଣେନି କିନ୍ତୁ ମିନାବଜାର, ଜହ୍ନମାମୁଁ ପଢ଼ିବା ପାଇଁ ବହୁତ ଭଲ ପାଉଥିଲି। ପଢ଼ିବା ଭିତରେ ଦେଇ ହିଁ ମୋର ଲେଖିବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା।

### ଲେଖୁଛି, ଲେଖୁଥିବି: ରାଜକିଶୋର

କିଛି ପାଇବାର ଆଶା ନେଇ ଲେଖୁନଥିଲି। ପତ୍ରପତ୍ରିକାରେ ବି ପ୍ରକାଶ କରିବା ପାଇଁ କେବେ ଅନୁରୋଧ କରିନି। ମନୋନୀତ ହେଲା ପରେ ମୋ ଲେଖା ପ୍ରକାଶ କରନ୍ତି। ଲେଖିବାରେ ଆନନ୍ଦ ମିଳେ, ଲେଖୁଛି, ଲେଖୁଥିବି ଏବଂ ମଲାଯାଏଁ ଲେଖିବି। ନିଶ୍ଚିତଭାବେ ପୁରସ୍କାର ପାଇବା ପରେ ଖୁସି ଲାଗୁଛି। ଗତାନୁଗତିକଠାରୁ ଊର୍ଦ୍ଧ୍ୱରେ ରହି ମୌଳିକତାକୁ ଗୁରୁତ୍ୱ ଦେଲେ ନିଶ୍ଚିତ ପାଠକାଦୃତ ହେବ।